


୧୯ ବର୍ଷ ● ୧ମ ସଂଖ୍ୟା ● ଜୁଲାଇ ୨୦୧୮ (ସ୍ୱନକ୍ଷତ୍ର ସ୍ୱତନ୍ତ୍ର)


| | | |
|---|---|---|
| ମାନସିଂହ ସ୍ୱତନ୍ତ୍ର | : | ମାୟାଧରଙ୍କ ମାୟାରେ |
| | : | ନିଷିଦ୍ଧ ପ୍ରେମର ରୂପକଥା: ମାୟାଧର ମାନସିଂହଙ୍କ ପ୍ରେମ କବିତା |
| | : | ମାନସିଂହଙ୍କ କବିତାରେ ଜୀବନର ଝଙ୍କାର |
| | : | ଓଡ଼ିଆ ସାହିତ୍ୟର ଇତିହାସ ଓ ମାନସିଂହ |
| ଆଳାପ | : | ସ୍ୱପ୍ନ ଓ ଆଶା: ମଣ୍ଟୁ-ଅନୀଶା |
| ସାହିତ୍ୟ | : | ୧୧ଟି ମନନଶୀଳ ଗଳ୍ପ, ୧୪ଟି କବିତା |
| ନିୟମିତ | : | ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ। |


## ପ୍ରତିଷ୍ଠାତାଙ୍କ ବାର୍ତ୍ତା

ଭିନ୍ନତା ସବୁକାଳେ, ସବୁବେଳେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ। ଆଉ ଏଇ ଭିନ୍ନତା ହିଁ ମଣିଷକୁ ବାଟ କଢ଼ାଇ ନେଇଥାଏ ସଫଳତା ଆଡ଼କୁ। ଭିନ୍ନ କିଛି ଚିନ୍ତା କରିବା, ଭିନ୍ନ ମତ ଦେବା, ଭିନ୍ନ ବାଗରେ କିଛି କାର୍ଯ୍ୟ କରିବା ଇତ୍ୟାଦି ଅନ୍ୟମାନଙ୍କୁ ପସନ୍ଦ ଆସିଥାଏ। ସେହି ଭିନ୍ନ କିଛି କରିବାର ଉଦ୍ଦେଶ୍ୟରେ ଓଡ଼ିଆରେ ଅନେକ ପତ୍ରପତ୍ରିକା ଥିଲେ ହେଁ ଏକ ଭିନ୍ନ ରୁଚିର ପାରିବାରିକ ପତ୍ରିକା, ଯେଉଁଥିରେ ପ୍ରମୁଖ ସ୍ଥାନ ଗ୍ରହଣ କରିବେ ମହିଳା; ପ୍ରକାଶନ ପାଇଁ ୨୦୦୦ ମସିହାରେ ନିଷ୍ପତ୍ତି ନିଆଯାଇଥିଲା। ସଂପୂର୍ଣ୍ଣ ପାରିବାରିକ ପତ୍ରିକାଟିଏ ପ୍ରକାଶ ପାଇଲେ ଓଡ଼ିଶାର ପ୍ରତ୍ୟେକଟି ପାଠକ ଓ ପରିବାର ଉପକୃତ ହୋଇପାରନ୍ତେ ବୋଲି ସେତେବେଳେ ଆମର ମନେ ହୋଇଥିଲା। ଶେଷରେ ଏହି ପରିକଳ୍ପନା ୨୦୦୦ ମସିହା ଜୁଲାଇ ୨ ତାରିଖରେ ବାସ୍ତବତାର ରୂପ ନେଇଥିଲା ଏବଂ ଜନ୍ମ ନେଇଥିଲା ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'। ସୁଖ ଓ ସୌଭାଗ୍ୟର କଥା, ଗତିପଥ ଅତ୍ୟନ୍ତ ଅଙ୍କାବଙ୍କା ହୋଇଥିଲେ ମଧ୍ୟ ସେହି ଅଙ୍କାବଙ୍କା ଗତିପଥରେ ସଫଳତାର ସହ ଯାତ୍ରାକରି 'କାଦମ୍ବିନୀ' ଆଜି ୧୮ ବର୍ଷ ପୂରଣକରି ୧୯ ବର୍ଷରେ ପଦାର୍ପଣ କରିଛି। ସଂପ୍ରତି 'କାଦମ୍ବିନୀ' ସମସ୍ତଙ୍କର ଆଦରର ପତ୍ରିକା ହୋଇପାରିଛି। ଈଶ୍ୱରଙ୍କ ଆଶୀର୍ବାଦ, ଆମର କଠୋର ପରିଶ୍ରମ, ଆଉ ଆପଣମାନଙ୍କ ଶୁଭେଚ୍ଛା ଯୋଗୁଁ ହିଁ 'କାଦମ୍ବିନୀ' ଆଜି ଘରେଘରେ ପରିଚିତି ଲାଭ କରିପାରିଛି। ବୟସ ନିର୍ବିଶେଷରେ ସମସ୍ତେ ଏହାକୁ ଆଦର କରୁଛନ୍ତି। ଆପଣମାନଙ୍କର ସଦିଚ୍ଛା ଓ ଶୁଭେଚ୍ଛା 'କାଦମ୍ବିନୀ' ପ୍ରତି ଏମିତି ଅତୁଟ ରହିଥାଉ।

## ମାନସିଂହ ସ୍ୱତନ୍ତ୍ର : ମାୟାଧରଙ୍କ ମାୟାରେ

**ଲେଖିକା : ଇତି ସାମନ୍ତ**

ବହୁରଙ୍ଗୀ ଓଡ଼ିଆ କଳା, ସାହିତ୍ୟ ସଂସ୍କୃତିର ଅସରନ୍ତି ରତ୍ନଭଣ୍ଡାରରୁ 'କାଦମ୍ବିନୀ' ନିରନ୍ତର ଗୋଟେଇ ଚାଲିଛି ମୂଲ୍ୟବାନରୁ ଅତି ମୂଲ୍ୟବାନ ରତ୍ନଗୁଡ଼ିକୁ। ଆଉ ଶ୍ରଦ୍ଧାର ସହ ତାକୁ ବାଣ୍ଟି ଦେଉଛି ତା'ର ପ୍ରିୟ ପାଠିକା ଓ ପାଠକମାନଙ୍କୁ। 'କାଦମ୍ବିନୀ'ର ଏହି ଯାତ୍ରାପଥରେ ବିଭିନ୍ନ ସମୟରେ କଳା, ସାହିତ୍ୟ ଓ ସଂସ୍କୃତିର ଭିନ୍ନଭିନ୍ନ ବିଭାଗ, ମହତ୍ୱପୂର୍ଣ୍ଣ ସ୍ଥାନବିଶେଷ ଓ ସାଂସ୍କୃତିକ ବ୍ୟକ୍ତିତ୍ୱଙ୍କୁ ନେଇ 'କାଦମ୍ବିନୀ' ପୃଷ୍ଠାକୁ ମଣ୍ଡିତ କରିଛୁ ଆମେ। ଏଥିପାଇଁ ବିଭିନ୍ନ ସମୟରେ ବିଭିନ୍ନ ପରିପ୍ରେକ୍ଷୀରେ ବହୁତ କିଛି ଖୋଜିବାକୁ ପଡ଼ିଛି ଆମକୁ। ଖୋଜିଛୁ, ଆଉ ପାଇଛୁ ମଧ୍ୟ। ବହୁତ ନୂଆନୂଆ ବିଷୟ ପରଶି ଦେଇଛୁ ପାଠକଙ୍କ ସାମ୍ନାରେ। ଏ ଖୋଜାର ଅନ୍ତ ନାହିଁ। ଆମର ସେହି ଖୋଜିବା ଧାରାକୁ ବଜାୟରଖି ଆମେ ବିଶେଷ ପ୍ରୟାସ କରିଛୁ ଓଡ଼ିଶାର ସାଂସ୍କୃତିକ ପରିମଣ୍ଡଳକୁ ଉଦ୍ଭାସିତ କରି ଯାଇଥିବା କୃତବିଦ୍ ସ୍ରଷ୍ଟାମାନଙ୍କର ସୃଷ୍ଟି ଓ ବ୍ୟକ୍ତିତ୍ୱକୁ ଏବର ପାଠକଙ୍କ ନିକଟରେ ପରଶି ଦେବା ପାଇଁ। ଉଦ୍ଦେଶ୍ୟ, ପ୍ରିୟ ପାଠକମାନେ ଆମର ପ୍ରାଚୀନ ସୃଷ୍ଟିସମ୍ପଦ ସହ ପୁନଃ ପରିଚିତ ହେବା ସଙ୍ଗେସଙ୍ଗେ ନୂତନ ସହ ତାଙ୍କୁ ତଉଲ କରିପାରିବେ। ସେହି ଖୋଜିବା ଧାରାରେ ଏଥର ଆମେ ସାଉଁଟିଛୁ ଆମ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ଏଭଳି ଜଣେ ସ୍ରଷ୍ଟା ଯିଏ କାଳକାଳ ପାଇଁ ଓଡ଼ିଆ ସାହିତ୍ୟରେ ଜଣେ ପୂଜନୀୟ ବ୍ୟକ୍ତିତ୍ୱ।

## ମାନସିଂହ ସ୍ୱତନ୍ତ୍ର : ନିଷିଦ୍ଧ ପ୍ରେମର ରୂକପଥା ମାୟାଧାର ମାନସିଂହଙ୍କ ପ୍ରେମ କବିତା

**ଲେଖକ : ହରପ୍ରସାଦ ଦାସ**

"ଶ୍ରେଷ୍ଠ କବିତାରେ ଆମ କଳ୍ପନାର ଯେଉଁ ଧବଳ ଉତ୍ତାପ ବା ଅନୁଭୂତିର ଯେଉଁ ବନ୍ଧନହୀନ ବିଳାସ ଏକାଧାରରେ ଅବସ୍ଥିତ ଥିବାର ଦେଖିବାକୁ ପାଇଥାଉଁ...।"

## ମାନସିଂହ ସ୍ୱତନ୍ତ୍ର : ମାନସିଂହଙ୍କ କବିତାରେ ଜୀବନର ଝଙ୍କାର

**ଲେଖକ : ଶ୍ରୀଚରଣ ମହାନ୍ତି**

ଡକ୍ଟର ମାୟାଧର ମାନସିଂହ (୧୯୦୫-୧୯୭୩) ଚଳିତ ଶତାବ୍ଦୀ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ ସ୍ରଷ୍ଟା। କାବ୍ୟ, କବିତା, ନାଟକ, ପ୍ରବନ୍ଧ, ସମାଲୋଚନା, ଜୀବନୀ, ପାଠ୍ୟପୁସ୍ତକ ଆଦି ସାହିତ୍ୟର ବିବିଧ ବିଭାଗକୁ ନେଇ ତାଙ୍କର ସୃଷ୍ଟିଜଗତ ଗଠିତ। ଏହି ସୃଷ୍ଟିଜଗତର ପ୍ରତ୍ୟେକ ପୃଷ୍ଠା ମାନସିଂହୀୟ ସ୍ୱାତନ୍ତ୍ର୍ୟରେ ଭାସ୍ୱର। ଗତାନୁଗତିକତା ପ୍ରତି ସେ କେବଳ ନିସ୍ପୃହ ନୁହନ୍ତି, ଅନେକାଂଶରେ ତା' ବିରୋଧରେ ସ୍ୱର ଉତ୍ତୋଳନ ବି କରିଛନ୍ତି। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନିଜ ପାଇଁ ନୂତନ ପଥ ପ୍ରସ୍ତୁତ କରିବା ମାନସିଂହଙ୍କ ବ୍ୟକ୍ତିତ୍ୱର ଏକ ବିଶିଷ୍ଟ ଦିଗ।

## ମାନସିଂହ ସ୍ୱତନ୍ତ୍ର : ଓଡ଼ିଆ ସାହିତ୍ୟର ଇତିହାସ ଓ ମାନସିଂହ

### ଲେଖକ : ଆଲୋକ ବରାଳ

ସମାଲୋଚନାର ସମାଲୋଚନା, ସାହିତ୍ୟ କ୍ଷେତ୍ରରେ ସର୍ବାଧିକ କଷ୍ଟସାଧ ବିଷୟ ଭାବେ ସ୍ୱୀକୃତ। ତାହା ଯଦି ଇତିହାସର ସମାଲୋଚନା ହୋଇଥାଏ; ତେବେ ସେ କର୍ମରେ ଲୋଡ଼ା ଅଧିକ ସଚେତନତା ! ମାୟାଧର ମାନସିଂହଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ' (୧୯୬୭) ଆଲୋଚନା ପ୍ରସଙ୍ଗରେ ଏ କଥାଟି ଅଧିକ ପ୍ରଣିଧାନଯୋଗ୍ୟ। ଓଡ଼ିଆ ସାହିତ୍ୟର ଅନେକ ଇତିହାସ ଗ୍ରନ୍ଥ ରଚିତ ହୋଇଥିଲେ ହେଁ ସମାଲୋଚନାତ୍ମକ ମୌଳିକ ଇତିହାସ ଗ୍ରନ୍ଥଭାବେ ମାନସିଂହଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ'ର ରହିଚି ସ୍ୱାତନ୍ତ୍ର୍ୟ ଓ ଗୁରୁତ୍ୱ। କାରଣ ଇତିହାସ ଗ୍ରନ୍ଥ ଲେଖିବାର ପ୍ରେରଣା ଓ ପ୍ରତିଶ୍ରୁତି ସହିତ ସୁସଞ୍ଚ ବଦ୍ଧମୂଳ ଧାରଣା ରହିଥିଲା ମାୟାଧର ମାନସିଂହଙ୍କର। 'ଓଡ଼ିଆ ସାହିତ୍ୟର ଇତିହାସ' ଲେଖିବା ପୂର୍ବରୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଅନୁରୋଧରେ ମାନସିଂହ ଲେଖିଥିଲେ 'History of Oriya Literature' (1962) ଚାରିବର୍ଷର ଶ୍ରମରେ ପ୍ରସ୍ତୁତ ଏହି ଇତିହାସ ଗ୍ରନ୍ଥଟି ପ୍ରକାଶ ପାଇବା ପରେ ଅନେକ ତର୍କବିତର୍କ ସହିତ ଶ୍ରଦ୍ଧା ଓ ସମ୍ମାନ ମିଳିଥିଲା ମାନସିଂହଙ୍କୁ। ଇଂରେଜୀରେ ଲିଖିତ ଓଡ଼ିଆ ସାହିତ୍ୟର ଇତିହାସର ପିଣ୍ଡି ଉପରେ ପରିବର୍ଦ୍ଧିତ, ପରିମାର୍ଜିତ ଓ ସଂଶୋଧିତ ହୋଇ ଗଢ଼ିଉଠିଲା ଓଡ଼ିଆ ସାହିତ୍ୟର ଇତିହାସ ଗ୍ରନ୍ଥ।

## ମାନସିଂହ ସ୍ୱତନ୍ତ୍ର : 'ସାଧବ ଝିଅ' କାବ୍ୟର ଅନର୍ଘ ଅଙ୍ଗରାଗ

### ଲେଖିକା : ଗିରିବାଳ ମହାନ୍ତି

ମନରେ ପ୍ରଶ୍ନ ଉଠିପାରେ କାହାର 'ଲାଳନ' ଶକ୍ତିରୁ, କାହାର 'ମହିମା'ରୁ ଏ ଦୁଇ ମନିଷୀ କବିଙ୍କ ଚିନ୍ତାର ବୈବିଧ୍ୟ ଏତେ ପ୍ରାଞ୍ଜଳ ? ଏତେ ଶାଣିତ, ରସାଣିତ ? ଏତେ ପ୍ରମାତାଞ୍ଚ-ହୃଦୟହାରୀ ? ଉତ୍ତର ଆସିବ- ଭାଷାର ମହିମାରୁ; ଯାହା କାବ୍ୟର ଅଙ୍ଗ ସତ୍ୟ, ମାତ୍ର ଏହାରି ଆୟତନରେ ହିଁ ଭାବ ଓ ରସ ବିଧୃତ ହୋଇ ଏତେ ପ୍ରାଞ୍ଜଳ। କୁହାଯାଇଛି 'ଶବ୍ଦାର୍ଥୌ ସହିତୌ କାବ୍ୟମ୍'। ମହତ୍ କବି ସର୍ବଦା 'ଶବ୍ଦାର୍ଥ' ବା 'ଶବ୍ଦଶକ୍ତି' ସଂପର୍କରେ ଅବହିତ ଥାଏ। ଭାବର ମହତ୍ତ୍ୱ ବୁଝି ଶବ୍ଦର ପ୍ରୟୋଗ ଦ୍ୱାରା ସେ ରସକୁ ସଂପ୍ରସାରଣକ୍ଷମ କରାଏ।

## ମାନସିଂହ ସ୍ୱତନ୍ତ୍ର : 'ଧୂପ'ର ସୁଗନ୍ଧ ମାନସିଂହଙ୍କ ହେମଲତା

### ଲେଖିକା : ଅପର୍ଣ୍ଣା ମହାନ୍ତି

ଈଶ୍ୱର ଉପାସନାରେ ସବୁଠୁ ଦରକାରୀ ପଦାର୍ଥଟି ବୋଧହୁଏ 'ଧୂପବତୀ'। ସୁଗନ୍ଧ ବିତରଣ କରୁଥିବା ଏଇ କ୍ଷୁଦ୍ର ପଦାର୍ଥଟି ବ୍ୟତୀତ କୌଣସି ପୂଜା ସଂପୂର୍ଣ୍ଣ ହୁଏନା। ସୁଗନ୍ଧ ନଥିଲେ ଧୂପକାଠିଟିଏ ବା କ'ଣ ? କବିର ଲେଖନୀ ଠିକ୍ ସେହିପରି ଧୂପକାଠିଟିଏ ମାତ୍ର। କିନ୍ତୁ ସେଥିରୁ ନିସୃତ କବିତା ସେହି ଧୂପକାଠିର ସୁଗନ୍ଧ ପରି କବିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ। ଆଖିକୁ ଦିଶୁନଥିବା, ଅଥଚ ଆତ୍ମାକୁ ସ୍ପର୍ଶ କରିପାରୁଥିବା ସେଇ ସୁଗନ୍ଧ 'କବି'କୁ ଅମର କରିରଖେ ଚିରକାଳ।

## ମାନସିଂହ ସ୍ୱତନ୍ତ୍ର : ମାୟା ଦର୍ପଣ

### ଲେଖକ : ଦେବଦାସ ଛୋଟରାୟ

ପ୍ରେମ ଓ ପ୍ରଣୟର କବି ଡ. ମାୟାଧର ମାନସିଂହଙ୍କର କିଛି ଲୋକପ୍ରିୟ କବିତା ସଙ୍ଗୀତର ରୂପ ନେଇ ବେଶ୍ ଆଦୃତି ଲାଭ କରିଛି। ଏହି କ୍ରମରେ ଡ. ମାନସିଂହଙ୍କ 'ଧୂପ' ସଂକଳନର କବିତାଗୁଡ଼ିକୁ ଗୋଟିଏ ସୂତାରେ ଗୁନ୍ଥି ତିଆରି ହୋଇଛି 'ମାୟା ଦର୍ପଣ'। ବିଶିଷ୍ଟ କବି, କଥାକାର, ଗୀତିକାର ଦେବଦାସ ଛୋଟରାୟ, ସଙ୍ଗୀତକାର ଓମ୍‌ପ୍ରକାଶ ମହାନ୍ତି ଓ ଗାୟିକା ସୁସ୍ମିତା ଦାସଙ୍କ ସଂପୃକ୍ତିରେ ନିର୍ମିତ ହୋଇଛି ଏହି ଶ୍ରୁତିମଧୁର 'ମାୟା ଦର୍ପଣ'। ଏହି ସୁନ୍ଦର ପ୍ରୟାସ ପଛରେ ଥିବା ଦେବଦାସ ଛୋଟରାୟଙ୍କ ଅନୁଭୂତି 'କାଦମ୍ବିନୀ'ର ପ୍ରିୟ ପାଠକମାନଙ୍କ ନିମନ୍ତେ। -ସମ୍ପାଦିକା

## ମାନସିଂହ ସ୍ୱତନ୍ତ୍ର : ଧନ୍ୟମାଟି ନନ୍ଦଳା: ତୁଷାଗ୍ନିଗର୍ଭ ପ୍ରତିଭା ଡ. ମାୟାଧର ମାନସିଂହ

### ଲେଖକ : ଦେବେନ୍ଦ୍ର ନାଥ ମାନସିଂହ

ପ୍ରେମ ଓ ପ୍ରଣୟର କବି ଡ. ମାୟାଧର ମାନସିଂହ ଜନ୍ମଗ୍ରହଣ କରିଥିଲେ ୧୩ ନଭେମ୍ବର ୧୯୦୫, ବିଶ୍ୱପ୍ରସିଦ୍ଧ ମଧୁର-ଲୁଣା ଜଳହ୍ରଦ ଚିଲିକାର ଦକ୍ଷିଣ ଉପକୂଳ ନନ୍ଦଳା ଗ୍ରାମରେ। ଓଡ଼ିଶାର ରାଜଧାନୀ ମହାନଗର ଭୁବନେଶ୍ୱରଠାରୁ ଦୂରତା ୧୫୦ କିଲୋମିଟର। ଭୁବନେଶ୍ୱରରୁ ବ୍ରହ୍ମପୁର ଜାତୀୟ ରାଜପଥର ଦକ୍ଷିଣ ଦିଗରେ ଖୋର୍ଦ୍ଧା-ବାଲୁଗାଁ-ରମ୍ଭା ଦେଇ ପାଲୁର ଜଙ୍କସନରୁ ପୂର୍ବଦିଗରେ ମାଲୁଦ ରାସ୍ତାରେ ନନ୍ଦଳାକୁ ସଡ଼କ ପଥରେ ଯାତ୍ରା କରିହେବ। ନନ୍ଦଳା-ରାମଲେଙ୍କା ଗ୍ରାମ ପଞ୍ଚାୟତ, କୃଷ୍ଣପ୍ରସାଦ ବ୍ଲକ, ପୁରୀ ଜିଲ୍ଲା ଅଧୀନରେ ସରକାରୀ ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ପରିଚାଳିତ।

## ମାନସିଂହ ସ୍ୱତନ୍ତ୍ର : ଆମ ବାପା ଡ. ମାୟାଧର ମାନସିଂହ

ଓଡ଼ିଆ ସାହିତ୍ୟ ଜଗତର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଡ. ମାୟାଧର ମାନସିଂହ ଓ ତାଙ୍କ ପତ୍ନୀ ହେମଲତା ମାନସିଂହଙ୍କର ତିନି ପୁଅ ଓ ଦୁଇ ଝିଅଙ୍କୁ ମିଶାଇ ମୋଟ ପାଞ୍ଚଜଣ ସନ୍ତାନ। ସେମାନେ ହେଉଛନ୍ତି: ଲଲାଟେନ୍ଦୁ ମାନସିଂହ, ଲଳିତେନ୍ଦୁ ମାନସିଂହ, ଲାବଣ୍ୟେନ୍ଦୁ ମାନସିଂହ ଏବଂ ଝିଅ ନିବେଦିତା (କୁନି) ଓ ସଂଘମିତ୍ରା। ଦୁଃଖର କଥା, ସବା ସାନଝିଅ ସଂଘମିତ୍ରା ଆଉ ଇହ ଜଗତରେ ନାହାଁନ୍ତି। ଡ. ମାନସିଂହଙ୍କର ବଡ଼ପୁଅ ଲଲାଟେନ୍ଦୁ ମାନସିଂହ ଜଣେ ପ୍ରଫେସର। ଭୂତତ୍ତ୍ୱ ବୈଜ୍ଞାନିକ ଏବଂ କାନାଡ଼ାର ସ୍ଥାୟୀ ନାଗରିକତ୍ୱ ଗ୍ରହଣ କରି ଏବେ ସେ ସେଠାରେ ଅବସ୍ଥାନ କରୁଛନ୍ତି।

ମଝିଆ ପୁଅ ଲଳିତେନ୍ଦୁ ମାନସିଂହ ଜଣେ ଅବସରପ୍ରାପ୍ତ ଖ୍ୟାତନାମା ଭାରତୀୟ ବିଦେଶ ସେବା (ଆଇ.ଏଫ୍.ଏସ୍)ର ଅଧିକାରୀ। ଭାରତ ସରକାରଙ୍କର ବୈଦେଶିକ ବ୍ୟାପାର ବିଭାଗର ପ୍ରାକ୍ତନ ସଚିବଭାବେ ସେ ଅବସର ଗ୍ରହଣ କରିଛନ୍ତି। ତଦ୍‌ପୂର୍ବରୁ ସେ ବିଶ୍ୱର ବହୁ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରରେ ଭାରତର ରାଷ୍ଟ୍ରଦୂତଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ଜଣେ ବିଶିଷ୍ଟ କୂଟନୀତିଜ୍ଞଭାବେ ତାଙ୍କର ସୁନାମ ରହିଛି। ଏତଦ୍‌ବ୍ୟତୀତ କଳା, ସଂସ୍କୃତି ଓ ସାହିତ୍ୟ ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଛି। ଡ. ମାନସିଂହଙ୍କ ତୃତୀୟ ପୁତ୍ର ଲାବଣ୍ୟେନ୍ଦୁ ମାନସିଂହ ଜଣେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା (ଆଇ.ଏ.ଏସ୍)ର ଅଧିକାରୀ। ସେହିଭଳି ଝିଅ ନିବେଦିତା (କୁନି) ଜଣେ ସୁଗୃହିଣୀ ଓ କଳା, ସାହିତ୍ୟ ପ୍ରତି ରୁଚି ରଖୁଥିବା ଜଣେ ଆଗ୍ରହୀ ମଣିଷ ଏବଂ ସେ ଭୁବନେଶ୍ୱରରେ ଅବସ୍ଥାପିତ। ସାକ୍ଷାତ ଓ ଉପସ୍ଥାପନା: **ସମ୍ପାଦିକା**

## ମାୟାଧର ମାନସିଂହଙ୍କ କବିତା

ଏଥର କବିତାରେ ରହିଛି: ଏଇ ସହକାର ତଳେ, ରାସସ୍ଥଳୀ, ପ୍ରେମ ଓ ମୃତ୍ୟୁ, ରୂପାଲୋକ, ଭିଖାରି, କୁଟୀର ଚିରନ୍ତନ, ବିଜୟିନୀ, ଅହଲ୍ୟା ପ୍ରଧାନ, କୋଣାର୍କ, ତୀର୍ଥ-ଧୂଳି, ଧରଣୀ-ବାସ, ନଷ୍ଟ-ପଲ୍ଲୀ, ହେ ବନ୍ଧୁ!, ମହାନଦୀରେ ଜ୍ୟୋତ୍ସ୍ନାବିହାର।

## ମାୟାଧର ମାନସିଂହଙ୍କ ଗଳ୍ପ : ଦୁଃଶାସନ ନାୟକ ଛଦ୍ମନାମରେ ମାୟାଧର ମାନସିଂହ ଲେଖିଥିବା ଦୁଇଟି ଗପ

## ଉପସ୍ଥାପନା: ଆଲୋକ ବରାଳ

ମାୟାଧର ମାନସିଂହ (୧୯୦୫-୭୩)ଙ୍କର ବଳିଷ୍ଠ ସାହିତ୍ୟ ପ୍ରତିଭା ଭିତରେ ଜଣେ ପ୍ରଚଣ୍ଡ ପ୍ରତିଭାଧର କବି, ପ୍ରାବନ୍ଧିକ, ସମାଲୋଚକ, ଜୀବନୀ ଓ ଆତ୍ମଜୀବନୀକାର, ଔପନ୍ୟାସିକ, ନାଟ୍ୟକାର, ଭ୍ରମଣ ସାହିତ୍ୟକାର ତଥା ସାହିତ୍ୟର ବିଭିନ୍ନ ଧାରାର ଜଣେ ସଫଳସ୍ରଷ୍ଟାଙ୍କୁ ସମସ୍ତେ ଜାଣିଥିଲେ ହେଁ ତାଙ୍କର ଗାଳ୍ପିକ ପ୍ରତିଭା ସଂପର୍କରେ ଲୋକେ ଅଜ୍ଞାତପ୍ରାୟ! ଏପରିକି ତାଙ୍କର ସଂକଳିତ ଓ ସମ୍ପାଦିତ ଗ୍ରନ୍ଥାବଳୀ ସମୂହରେ ମଧ ସଂକଳିତ ହୋଇନାହିଁ ସେଇସବୁ ଗଳ୍ପ! କାରଣ ମାୟାଧର ମାନସିଂହ ସେଇ ଗଳ୍ପଗୁଡ଼ିକୁ ଲେଖିଥିଲେ 'ଦୁଃଶାସନ ନାୟକ' ଛଦ୍ମନାଁରେ। 'ଓଡ଼ିଆ ସାହିତ୍ୟିକ ଛଦ୍ମନାଁର ଇତିହାସ' (୨୦୧୬) ପୁସ୍ତକର ସଂଗ୍ରହ ଓ ରଚନାକାଳରେ ଏ ଆଲୋଚକ ପାଇଥିଲା ମାନସିଂହଙ୍କର ଦୁଇଗୋଟି ଗଳ୍ପ। ସମ୍ଭବତଃ ଏଇ ଦୁଇଟି ଗଳ୍ପ-ସମ୍ପଦ ହିଁ ମାନସିଂହଙ୍କର ସର୍ବମୋଟ୍ ଦୁଇ ଅମୂଲ୍ୟ ସୃଷ୍ଟି। ଦୁଇଟିଯାକ ପ୍ରକାଶ ପାଇଥିଲା 'ସହକାର' ପତ୍ରିକାରେ। ପ୍ରଥମଟି ହେଉଛି 'ନଷ୍ଟବାସନା' (ସହକାର, ୫ମ ଭାଗ ୩/୪ ସଂଖ୍ୟା ୧୩୩୨ ସାଲ୍ ଅର୍ଥାତ୍ ୧୯୨୫ ମସିହା) ଏବଂ ଅନ୍ୟଟି ହେଉଛି 'ଜନ୍ମଭୂମି' (ସହକାର, ୫ମ ଭାଗ, ୭ମ ସଂଖ୍ୟା)। ମାୟାଧର ମାନସିଂହଙ୍କର ଏହି ଛଦ୍ମ ନାଁ ଆଲୋକକୁ ନ ଆସିପାରିବାର କାରଣ ହେଉଛି 'ଦୁଃଶାସନ ନାୟକ' ଭଳି ଏକ ପ୍ରଚଳିତ ପୂର୍ଣ୍ଣାଙ୍ଗ ନାମ। ପିଲାବେଳେ ମାୟାଧର ଅଧିକ ଦୁଷ୍ଟାମି କରୁଥିବାରୁ ତାଙ୍କର ଗୋସାଇଁ ମା' ତାଙ୍କୁ 'ଦୁଃଶାସନ' ଭଳି ଏକ ଦୁଷ୍ଟନାମରେ ଡାକୁଥିଲେ। ତେଣୁ ମାନସିଂହ ଯେତେବେଳେ ଗଳ୍ପ ଲେଖିଲେ ସେତେବେଳେ ଏହି 'ଦୁଃଶାସନ' ନାମରେ 'ନାୟକ' ଯୋଡ଼ି 'ଦୁଃଶାସନ ନାୟକ' ଉପନାମ ରଖିଲେ। ଠିକଣା ରହିଲା, ଖୋର୍ଦ୍ଧା। ମାୟାଧର ମାନସିଂହଙ୍କୁ ନେଇ 'କାଦମ୍ବିନୀ'ର ଏହି ସ୍ୱତନ୍ତ୍ର ସଂଖ୍ୟାରେ 'ନଷ୍ଟବାସନା' ଓ 'ଜନ୍ମଭୂମି' ଦୁଃଶାସନ ନାୟକର ଛଦ୍ମତାରୁ ମୁକ୍ତ ହୋଇ ମାନସିଂହୀୟ କଥା-ପ୍ରତିଭାକୁ ଅନ୍ୱେଷଣ କରିବା ସହିତ ଗଳ୍ପ ପାଠକଙ୍କ ପାଖରେ ପରଶି ଦେଉଛି ଦୁଇଟି ଅମୂଲ୍ୟ ଉପହାର।

## ମାୟାଧର ମାନସିଂହଙ୍କ ଗଳ୍ପ : ନଷ୍ଟ ବାସନା

## ଲେଖକ : ମାୟାଧର ମାନସିଂହ

ଚୁଙ୍ଗୀ ନାଳନ୍ଦାରେ ପ୍ରବେଶ କରୁକରୁ ରଜନୀରାଣୀ ସ୍ୱୀୟ ଛାୟାମୟ ଅଞ୍ଚଳଟି ଧୀରେ ଧୀରେ ଟାଣି ଆଣି ଶ୍ରାନ୍ତ ପୃଥିବୀର କଳେବରକୁ ଘୋଡ଼ାଇ ପକାଇଥିଲେ। ଅଷ୍ଟମୀ ଚନ୍ଦ୍ର ଆକାଶରେ ଉଦିତ ହୋଇ ସଂସାରକୁ ଅମୃତ ଧାରାରେ ଭସାଇ ଦେଇଥିଲେ। ଗୋଟିଏ ପକ୍ଷୀ ଅସ୍ଫୁଟ ସ୍ୱରରେ ଧ୍ୱନି କରିକରି ଦୂର ବନକୁ ନିନାଦିତ କରୁଥିଲା।

## ମାୟାଧର ମାନସିଂହଙ୍କ ଗଳ୍ପ : ଜନ୍ମଭୂମି

## ଲେଖକ : ମାୟାଧର ମାନସିଂହ

ମହେନ୍ଦ୍ରର, ସାଗର ପାରର ବିଦେଶିନୀ ପ୍ରତି ଗୋଟିଏ ଅଜ୍ଞାତ-ମାୟା ଆସିଗଲା। ଯବଦ୍ୱୀପର ଶ୍ୟାମଳ ପ୍ରକୃତି, ଅନ୍ତର୍ନିହିତ ପ୍ରଲୋଭନ ଶକ୍ତି ବଳରେ ତାକୁ ମନ୍ତ୍ର-ମୁଗ୍ଧ ପରି ସେହିଠାରେ ବନ୍ଦୀ କରି ରଖିଲା। ସେ ପାଶୋରିଲା ତା'ର ସ୍ୱଦେଶ, ସ୍ୱଭାଷା, ସ୍ୱଜନ-ଯାହା କିଛି ନିଜର। ପରଦେଶର ଆଚାର ବ୍ୟବହାରରେ, ଭାଷାରେ ତା'ର ପ୍ରାଣ ବି ଏକ ମାଧୁରୀ ଅନୁଭବ କଲା। ସେ ସେଠାରୁ ସ୍ୱଦେଶକୁ ଫେରିବାକୁ ଆଦୌ ଇଚ୍ଛା କଲାନାହିଁ।

## ଗଳ୍ପ : ଜୀବନର ସ୍ୱପ୍ନ

## ଲେଖକ : ଗୋଦାବରୀଶ ମହାପାତ୍ର

ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ, ସମ୍ପାଦକ ଓ ପ୍ରଭାଦୀପ୍ତ ଲେଖକ ଭାବେ ଗୋଦାବରୀଶ ମହାପାତ୍ର (୧୮୯୮-୧୯୬୫) ଓଡ଼ିଆ ସମାଜରେ ନିଜର ଦୃପ୍ତ ପଦଚିହ୍ନ ଆଙ୍କି ଦେଇ ଯାଇଛନ୍ତି। 'ଏବେ ମଧ ବଞ୍ଚିଛି', 'ନୀଳ ମାଷ୍ଟ୍ରାଣୀ', 'ମୁଁ ଦିନେ ମନ୍ତ୍ରୀ ଥିଲି' ଆଦି କାଳଜୟୀ ଗଳ୍ପର ସେ ସ୍ରଷ୍ଟା। ସାହିତ୍ୟ ରଚନା ପାଇଁ ସେ ଉଭୟ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଛନ୍ତି।

**ଗଳ୍ପ : ବିତ୍‌ଘର ଓ ରେଳଗାଡ଼ି**
**ଲେଖକ: କାଳିନ୍ଦୀ ଚରଣ ପାଣିଗ୍ରାହୀ**

ସବୁଜ ଗୋଷ୍ଠୀର ପ୍ରମୁଖ କବି କାଳିନ୍ଦୀ ଚରଣ ପାଣିଗ୍ରାହୀ (୧୯୦୧-୯୧) ଉପନ୍ୟାସ ଓ ଗଳ୍ପ ରଚନାରେ ବି ଅପୂର୍ବ ସିଦ୍ଧିର ଅଧିକାରୀ ଥିଲେ। ତାଙ୍କ ରଚିତ 'ମାଟିର ମଣିଷ' ଉପନ୍ୟାସ ଓ 'ମାଂସର ବିଳାପ' ଗଳ୍ପ ଓଡ଼ିଆ ସାହିତ୍ୟରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ। 'ସାଗରିକା', 'ଦ୍ୱାଦଶୀ', 'ରାଶିଫଳ', 'ଶେଷରଶ୍ମି' ଓ 'ମୋ କଥାଟି ସରିନାହିଁ' ଇତ୍ୟାଦି ହେଉଛି ତାଙ୍କ ଲିଖିତ ଗଳ୍ପ ସଂକଳନ।

**ଗଳ୍ପ : ପହିଲା ପରେ**
**ଲେଖକ : ଅନନ୍ତ ପ୍ରସାଦ ପଣ୍ଡା**

କବି, ଗାଳ୍ପିକ, ଔପନ୍ୟାସିକ ଓ ନାଟ୍ୟକାର ଅନନ୍ତ ପ୍ରସାଦ ପଣ୍ଡା (୧୯୦୬-୮୯) ତାଙ୍କ ଗଳ୍ପଗୁଡ଼ିକ ପାଇଁ ବେଶ୍ ପ୍ରସିଦ୍ଧ। ତାଙ୍କର ଗଳ୍ପ ପୁସ୍ତକଗୁଡ଼ିକ ହେଲା 'ତୃଣଗୁଚ୍ଛ', 'ସଭ୍ୟତାର ତଳେ', 'ବାରମଜା', 'ମନର ଭୂତ', 'ନୈଶ୍ୟ ସୁନ୍ଦରୀ', 'ଯୁଗ ରହସ୍ୟ' ଇତ୍ୟାଦି।

**ଗଳ୍ପ : ଅନପଢ଼୍**
**ଲେଖକ : ବସନ୍ତ କୁମାର ଶତପଥୀ**

ଗଳ୍ପ, ନାଟକ, ଅନୁବାଦ ଓ ପ୍ରବନ୍ଧ ଇତ୍ୟାଦିର ସଫଳ ରଚନାକାର ବସନ୍ତ କୁମାର ଶତପଥୀ (୧୯୧୩-୯୪) ପାଠକଙ୍କ ପାଖରେ ଅଧିକ ପ୍ରିୟ ତାଙ୍କର ଗଳ୍ପ ପାଇଁ। 'ଆଣ୍ଟି ରୋମାଣ୍ଟିକ', 'ଗୋଟାଏ ଆଳୁ', 'ହାଇଦରାବାଦ ଅଙ୍ଗୁର', 'ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ', 'ଗଙ୍ଗା ଓ ଗାଙ୍ଗୀ', 'ଆକାଶୀଫୁଲ', 'ଅଜାଗା ଘା', 'ନୀଡ଼ାଶ୍ରୟୀ' ଇତ୍ୟାଦି ହେଉଛି ତାଙ୍କର ପ୍ରକାଶିତ ଗଳ୍ପ ସଂକଳନ। ଗଳ୍ପ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି।

**ଗଳ୍ପ : ମହାପୁରୁଷ ବାଗ**
**ଲେଖକ : ବାମାଚରଣ ମିତ୍ର**

ବାମାଚରଣ ମିତ୍ର (୧୯୧୫-୭୬) ଏକାଧାରରେ ଜଣେ ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ ଓ ରମ୍ୟରଚନାକାର। 'ମିତ୍ରକଳ୍ପ', 'ମିତ୍ର ସ୍ୱଳ୍ପ' ଓ 'ମିତ୍ର ଗଳ୍ପ' ଆଦି ପୁସ୍ତକ ଓ ପରେ ବାମାଚରଣ ଗଳ୍ପ ସମଗ୍ର ୧ ଓ ୨ରେ ତାଙ୍କ ଗଳ୍ପଗୁଡ଼ିକ ସଂକଳିତ। ରମ୍ୟରଚନା ପୁସ୍ତକ 'ଏଣୁଷ୍ଟ ତେଣୁଷ୍ଟ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଛନ୍ତି।

**ଗଳ୍ପ : ଆଖିଧରା**
**ଲେଖକ : ଭୁବନେଶ୍ୱର ବେହେରା**

ଭୁବନେଶ୍ୱର ବେହେରା (୧୯୧୬-୨୦୦୧) ଥିଲେ ଜଣେ ଦକ୍ଷ ଇଂଜିନିୟର, ଶିକ୍ଷାବିତ୍ ଓ ପ୍ରାଜ୍ଞ ଲେଖକ। ତାଙ୍କର ପ୍ରକାଶିତ ପୁସ୍ତକଗୁଡ଼ିକ ହେଲା 'ଶୁଣ ପରୀକ୍ଷ', 'କଥା ଓ ଲଥା', 'ସହାବସ୍ଥାନ', 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି', 'ଫର୍ ଫର ଉଡ଼େ' ଓ 'ଗାଁ'ର ଡାକ' ଇତ୍ୟାଦି। ସେ ଶାରଳା ପୁରସ୍କାର ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଛନ୍ତି।

**ଗଳ୍ପ : ଜଂଜାଳ**
**ଲେଖକ : ରାଜକିଶୋର ପଟ୍ଟନାୟକ**

ଆଇନଜୀବୀ ରାଜକିଶୋର ପଟ୍ଟନାୟକ (୧୯୧୭-୯୭) ଓଡ଼ିଆ ପାଠକଙ୍କ ନିକଟରେ ଔପନ୍ୟାସିକ ଓ ଗାଳ୍ପିକ ଭାବରେ ସୁପରିଚିତ। 'ତୁଠ ପଥର', 'ହୃଦୟ ବନ୍ଧନ', 'ନିଶାଣ ଖୁଣ୍ଟ', 'ଶାଳଗ୍ରାମ', 'କଳ୍ପନାର ଫୁଲ', 'ପଥର ଢିମା', 'ହାଟ ସଉଦା' ଓ 'ହାଟ ବାହୁଡ଼ା' ଇତ୍ୟାଦି ହେଉଛି ତାଙ୍କ ରଚିତ ଗଳ୍ପ ସଂକଳନ। ଓଡ଼ିଆ ସାହିତ୍ୟକୁ ଅବଦାନ ପାଇଁ ସେ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ଲାଭ କରିଛନ୍ତି।

**ଗଳ୍ପ : ଆହା ମୋର ଗୁଣମଣିକି**
**ଲେଖକ : ବ୍ରହ୍ମାନନ୍ଦ ପଣ୍ଡା**

ବ୍ରହ୍ମାନନ୍ଦ ପଣ୍ଡା (୧୯୨୨)ଙ୍କର ଗଳ୍ପ ପୁସ୍ତକଗୁଡ଼ିକ ହେଲା: 'ସାଧାରଣ ସତ୍ୟ', 'ମହକ', 'ଭୋଳିକକା', 'ଆତ୍ମ ପରିଚୟ', 'କଳା ଓ କଳ୍ପନା', 'ଫଲଗୁର ତରଙ୍ଗ', 'ପ୍ରାନ୍ତ ଯମକ' ଇତ୍ୟାଦି। ତାଙ୍କର ଚରିତ୍ର ଓ ପରିବେଶ ଚିତ୍ରଣର ଚମତ୍କାରିତା ଯୋଗୁଁ ସେ ଓଡ଼ିଆ ଗାଳ୍ପିକଙ୍କ ଭିତରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି।

## ଗଳ୍ପ : ରମାନାଥ, ଦଶପଇସି ଓ ସ୍ୱାଧୀନତା

## ଲେଖକ : ଅଖିଳ ମୋହନ ପଟ୍ଟନାୟକ

ଓଡ଼ିଆ ସାହିତ୍ୟରେ ଅଖିଳ ମୋହନ ପଟ୍ଟନାୟକ (୧୯୨୭-୧୯୮୨) ଜଣେ ଲବ୍ଧ ପ୍ରତିଷ୍ଠ କଥାଶିଳ୍ପୀ। 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର', 'ଓ ଅନ୍ଧଗଳି', 'ପ୍ରଥମ ଓ ଶେଷ', 'ବାଘରାଣୀ ଖଇରୀ' ଆଦି ହେଉଛି ତାଙ୍କର ଚର୍ଚ୍ଚିତ ପୁସ୍ତକ। ତାଙ୍କର 'ଓ ଅନ୍ଧଗଳି' ଗଳ୍ପ ବହି ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି।

## ଆଳାପ : ସ୍ୱପ୍ନ ଓ ଆଶା: ମଣ୍ଟୁ-ଅନୀଶା

ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ ଓ ଅନୀଶା ମହାକୁଡ଼ ଓରଫ୍ ଆନୀ ଯୋଡ଼ି ଓଡ଼ିଆ ଟେଲି ଦୁନିଆର ଚର୍ଚ୍ଚିତ ତଥା ଲୋକପ୍ରିୟ ଯୋଡ଼ି। ଟେଲି ଦୁନିଆରୁ ଉଭୟ ନିଜ ନିଜର ଅଭିନୟ ଜୀବନ ଆରମ୍ଭକରି ପରବର୍ତ୍ତୀ ସମୟରେ ଚଳଚ୍ଚିତ୍ର ଦୁନିଆକୁ ପ୍ରବେଶ କରିଥିଲେ ହେଁ ଟେଲି ଦୁନିଆ ଏ ଦୁହିଁଙ୍କୁ ଦେଇଛି ପ୍ରତିଷ୍ଠା ଓ ପ୍ରସିଦ୍ଧି। ଆଉ ଏକ ଉଲ୍ଲେଖନୀୟ କଥା ହେଉଛି, ଏହି ଦୁଇ ଅଭିନେତା ଅଭିନେତ୍ରୀ ଏକାଠି ସେମାନଙ୍କ ଅଭିନୀତ ପ୍ରଥମ ଟେଲି ଧାରାବାହିକରେ ଅର୍ଥାତ ରିଲ୍ ଲାଇଫରେ ପତି-ପତ୍ନୀ ଭୂମିକାରେ ଅଭିନୟ କରିଥିବାବେଳେ ପରବର୍ତ୍ତୀ ସମୟରେ ଅର୍ଥାତ୍ ରିଏଲ୍ ଲାଇଫ୍‌ରେ ପ୍ରକୃତ ପତି-ପତ୍ନୀ ବନିଯାନ୍ତି। ପ୍ରତିଭାସଂପନ୍ନ ଏହି ଯୋଡ଼ିଙ୍କ ଆଖିରେ ଏବେ ଅନେକ ସ୍ୱପ୍ନ ଓ ଆଶା। ପ୍ରତିଷ୍ଠା ଅର୍ଜନ କରିବାର ପ୍ରଚୁର ପ୍ରତିଶ୍ରୁତି। ଓଡ଼ିଆ ମନୋରଞ୍ଜନ ଦୁନିଆର ଲୋକପ୍ରିୟ ଯୋଡ଼ି ମଣ୍ଟୁ ଓ ଆନୀଙ୍କ ସହ 'କାଦମ୍ବିନୀ'ର ଏକ ବିସ୍ତୃତ ଆଳାପ। ସାକ୍ଷାତ ଓ ଉପସ୍ଥାପନା: ଅମିତାଭ ଖିଲାର

## ମନୋରଞ୍ଜନ

ତୁ ମୋ ସୁନା ଚଢ଼େଇ, ବ୍ଲାକ୍‌ମେଲ୍, ଯୋଉଠି ଥିଲେ ବି ତୁ ମୋର ଏବଂ ଲୋକାଲ୍ ଟୋକା ଲଭ୍ ଚୋଖା।

## ଚଳନ୍ତିକା

ଏ ମାସରେ ଚଳନ୍ତିକା ପୃଷ୍ଠାରେ ରହିଛି: 'ଗୋକର୍ଣ୍ଣିକା' ଉତ୍ସବ, ଆଦିରାଣୀ, ବାଲିପାଟଣା ପ୍ରେସ୍ କ୍ଲବର ରୌପ୍ୟ ଜୟନ୍ତୀ ଓ ଇଟିକିଲି ମିଟିକିଲି ଉତ୍ସବ।

## ରାଶିଗଣନା ଓ ତିଥି-ବାର-ବେଳା

ଜୁଲାଇ ମାସର ରାଶିଫଳ ସାଙ୍ଗକୁ ଜୁଲାଇ ଓ ଅଗଷ୍ଟ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଆମ ରୋଷେଇ

ଏ ମାସର ରୋଷେଇ ପୃଷ୍ଠାରେ ଅଛି: ଆରିସା ପିଠା, ପୋଡ଼ପିଠା, କୋଶଳୀ ପିଠା ରସାବଳୀ, ମୁଗ ଅମୃତଭଣ୍ଡା ପୋଡ଼ପିଠା, ଛେନା ମାଣ୍ଡିଆ ଏବଂ କ୍ଷୀର ଗଜା।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା : ମୁଖ ଦୁର୍ଗନ୍ଧ

## ଡା. ଦେବୀ ପ୍ରସାଦ ମଣ୍ଡଳ

ପାଟି ଦୁର୍ଗନ୍ଧ ବା ପାଇରିଆ ଆମ ଦେଶରେ ପ୍ରାୟ ପଞ୍ଚଷଠି ପ୍ରତିଶତ ଲୋକଙ୍କଠାରେ ଦେଖା ଦେଇଥାଏ। ଚିକିତ୍ସା ବିଜ୍ଞାନରେ ଏହାକୁ Pericementoclasia କୁହାଯାଏ। ଏହାର ଅର୍ଥ ହେଲା ଦାନ୍ତ ମୂଳରେ ଖାଦ୍ୟ ଜମା ହୋଇ ସେଥିରେ ପୂଯ ହୋଇଯିବା। ପାଇରିଆ ରୋଗରେ ରୋଗୀକୁ କୌଣସି କଷ୍ଟ ଅନୁଭବ ନ ହେଉଥିବାରୁ ଡାକ୍ତରଙ୍କ ପରାମର୍ଶ ନେବାରେ ରୋଗୀଟି ଅବହେଳା କରିଥାଏ। ତେଣୁ ଆସନ୍ତୁ କେତୋଟି କଥା ପ୍ରତି ଧ୍ୟାନ ଦେବା।

■■■